# Akashvani, Sambalpur

## SAMBALPURI NEWS BULLETIN

### 18 September 2024- 6.47- 6.52 am.

**********************************************

ରେଲ୍‌ଲାଇନ୍, ଇଞ୍ଜିନ୍- କବଚ ସିଷ୍ଟମ୍    ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ନ ୮୫ ହଜାର୍ କୋଟିର ରେଲ୍‌ପ୍ରକଳ୍ପ କାମ୍ ଚାଲିଛେ । ସେନ୍ତା ୨୫ ହଜାର୍ କୋଟିର ନୂଆଁ କାମ୍‌କେ ମଞ୍ଜୁରୀ ଦିଆଯାଇଛେ ବଲି କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । କେନ୍ଦ୍ର ସରକାର୍‌ଙ୍କର୍ ଶହେ ଦିନ୍ ପୁର୍‌ବାର୍ ଅବ୍‌ସରେ ରେଲ୍‌ମନ୍ତ୍ରୀ କହିଛନ୍ ଯେ, ରେଲ୍ ଦୁର୍ଘଟଣା ରୁକ୍‌ବାର୍ ଲାଗି ଓଡ଼ିଶା ସହେତେ ଦେଶର୍ ସବୁ ରେଲ୍‌ଲାଇନ୍ ଆଉ ଇଞ୍ଜିନ୍‌ଥି କବଚ ସିଷ୍ଟମ୍ ଲଗାଯିବା । ୯ ହଜାର୍ ୬ ଶହ ରେଲ୍‌ଲାଇନ୍‌ଥି କବଚ ଲଗାଯିବାର୍ ଲାଗି ଟେଣ୍ଡର୍ ଡକାଯାଇଛେ । ଆଏବା ୬ ବରସ୍ ଭିତ୍‌ରେ ଇ କାମ୍ ପୁରା କରାଯିବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ । ସେନ୍ତା ରେଲ୍ ଦୁର୍ଘଟଣାକେ

ରୁକ୍‌ବାର୍ ଲାଗି ପେନେଲ୍ ଡାଇରେକ୍ଟ୍ ଡ୍ରାଇଭ୍ ବ୍ୟବସ୍ଥା ମୁଲ୍ କରାଯାଇଛେ ।

ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଏଜ୍ ନୂଆଦିଲ୍ଲୀ ଠାନେ ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଇ ଅବ୍‌ସରେ ଦେଶର୍ ୭୫ ଟା ଜାଗା ନ ହେବାର୍‌କେ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ଅର୍ଥମନ୍ତ୍ରୀ ଆଭାସୀ ଜରିଏ ଜୁଡ଼ିହେବେ । ଇ ଯୋଜ୍‌ନା ଅଧୀନ୍‌ଥି ଅଭିଭାବକ୍‌ମାନେ ସେମାନ୍‌କର୍ ନାବାଲକ୍ ଛୁଆମାନ୍‌କର୍ ଏକାଉଂଟ୍ ଖୁଲିକରି ସେଥି ସଂଚୟ କରିପାର୍‌ବେ । ଅଭିଭାବକ୍‌ମାନେ ବଛର୍‌କ ହଜାରେ ଟଙ୍କା ନିବେଶ୍ କର୍‌ବାର୍ ଲାଗି ବ୍ୟବସ୍ଥା ରହିଛେ । ସେଥିର୍‌ଲାଗି ସବୁ ବର୍ଗର୍ ଲୁକେ ଇ ସୁବିଧାଥି ସାମିଲ୍ ହେଇପାର୍‌ବେ । ସେ ଛୁଆମାନେ ସାବାଳକ ହେବାର୍ ଉତ୍‌ରୁ ଇ ଏକାଉଂଟ୍ ନିୟମିତ ଏନ୍‌ପିଏସ୍ - ଜାତୀୟ ପେନ୍‌ସନ୍ ଯୋଜ୍‌ନା ଏକାଉଂଟ୍‌ଥି ବଦ୍‌ଲିବା । ଭାରତୀୟ ପେନ୍‌ସନ୍ ପାଣ୍ଠି ନିୟାମକ ଆଉ ଉନ୍ନୟନ କର୍ତ୍ତୃପକ୍ଷ ଅଧୀନ୍‌ଥି ଇଟା ପରିଚାଲିତ୍ ହେବା ।

ରତ୍ନଭଣ୍ଡାର୍ ଯାଂଚ          ଆର୍ଏନ୍ୟୁ / ସମ୍ବଲପୁର

ପୁରୀ ଶ୍ରୀ ଜଗନ୍ନାଥ୍ ମନ୍ଦିରର୍ ଭିତର୍ ଆର୍ ବାହାର ରତ୍ନଭଣ୍ଡାର୍ ନିରୀକ୍ଷଣ ଆଉ ବୈଷୟିକ ଯାଂଚ୍ ଆଏଜ୍ ହେବା । ଭାରତୀୟ ପ୍ରତ୍ନତାତ୍ୱିକ ସର୍ବେକ୍ଷଣ୍ ସଂସ୍ଥା- ଏଏସ୍ଆଇ ଆଉ ଶ୍ରୀମନ୍ଦିର୍ ପ୍ରଶାସନ୍ର ୨୬ ଝନିଆ ଦଲ୍ ମିଶିକରି ଇ ଯାଂଚ୍ କର୍ବେ । ଇତାର୍ସଙ୍ଗେ ରତ୍ନଭଣ୍ଡାର୍ ଭିତର୍କେ ବୈଜ୍ଞାନିକ ସର୍ବେକ୍ଷଣ୍ କର୍ବାର୍କେ ଭିନ୍ ଭିନ୍ ଯନ୍ତ୍ରପାତି ନେବାର୍ ଲାଗି ଏଏସ୍ଆଇ ସର୍ତମୂଲକ୍ ଅନୁମତି ଦିଆଯାଇଛେ । ରତ୍ନଭଣ୍ଡାର୍ ଭିତ୍ରେ ଉଠାଯିବାର୍କେ ଥିବା ଚିତ୍ର ଆର୍ ଭିଡ଼ିଓ ଖାଲି ବୈଜ୍ଞନିକ ଅନୁସନ୍ଧାନ୍ ଲାଗି ବେଭାର୍ କରାଯିବା । ରାଜ୍ୟ ସର୍କାର୍ଙ୍କର୍ ଅନୁମୋଦିତ ମାର୍ଗଦର୍ଶିକା ଅନ୍ସାରେ ଇ ଯାଂଚ୍ କରାଯିବା । ହେଥିର୍ଲାଗି ଆଏଜ୍ ମାହାପୁରୁଙ୍କର୍ ନୀତିକାନ୍ତି ସୁରୁଖୁରୁଥି କର୍ବାର୍ ଲାଗି ପ୍ରଶାସନ୍ ତର୍ଫୁ ନୀତି ନିର୍ଘଂଟ କରାଯାଇଛେ । ଆଏଜ୍ ଦିନର୍ ୧ ବଜେନୁ ଯାଂଚ୍ କାମ୍ ସର୍ବାର୍ତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା । ଭକ୍ତମାନେ ସିଂହଦୁଆରର ବାଇଶିପାହାଚ ଦେଇକରି ଆନନ୍ଦ ବଜାର୍ନୁ ମହାପ୍ରସାଦ୍ ଘିନି କରି ଉତର୍ ଦୁଆର ଆଡ଼େ ବାହାରିପାର୍ବେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ମିଲିଛେ ।

ମୁଖ୍ୟମନ୍ତ୍ରୀଜନ ଅଭିଯୋଗ୍ ଶୁଣାଣି       ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା ୨୩ ତାରିଖ୍ ଦିନ ଭୁବ୍ନେଶ୍ୱର୍ ୟୁନିଟ୍- ୫ ର ସର୍କାରୀ ବାସଭବନ୍ ନ ହେବା । ସେଦିନ ସଖାଲବେଲାର୍ ୧୧ ବଜେନୁ ମୁଖ୍ୟମନ୍ତ୍ରୀ ଲୋକ୍ମାନ୍କର ଭିନ୍ ଭିନ୍ ଅଭିଯୋଗ୍ର ଶୁଣାଣି କର୍ବେ । ଇ ଅଭିଯୋଗ୍ ଶୁଣାଣି ଲାଗି ଅନ୍ଲାଇନ୍ ପଞ୍ଜିକରଣ୍ ଆଏବା କାଏଲ୍ ଦିନର୍ ୧୧ ବଜେନୁ ମୁଲ୍ ହେବା । ଇଥି ସବୁନୁ ଅଏତ୍କା ହଜାରେ ଝନ୍ ପଞ୍ଜିକରଣ୍ କରିପାର୍ବେ । ଯେନ୍ମାନେ କି ଇ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି ସେମାନ୍କର୍ ଅଭିଯୋଗ୍ ଜନେଇପାର୍ବେ । ଇଥିର୍ଲାଗି ଇଚ୍ଛୁକ ଲୋକ୍ମାନେ ଜନଶୁଣାଣି ପୋର୍ଟାଲ୍ କି ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍କେ ଯାଇକରି ପଞ୍ଜିକରଣ୍ କରିପାର୍ବେ । ଇତାର୍ ଉତ୍ରୁ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର ଆଉ ପରିଚୟ ପତ୍ର ନେଇକରି ଅଭିଯୋଗ୍ ଶୁଣାଣି ଶିବିର୍କେ ଲୋକ୍ମାନେ ଯାଇପାର୍ବେ ।

ବନ୍ୟା ପରିସ୍ଥିତି -ସମୀକ୍ଷା          ଆର୍ଏନ୍ୟୁ /ସମ୍ବଲପୁର

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ବାଲେଶ୍ୱର୍, ମୟୁର୍‌ଭଞ୍ଜ, ଭଦ୍ରକ୍, କେନ୍ଦୁଝର୍, ଯାଜ୍‌ପୁର୍ ଆର୍ ସୁନ୍ଦର୍‌ଗଡ୍ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଲଗାନ୍ ବର୍ଷା, ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା ଲାଗି ଆଗୁଆ ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କରିଛନ୍ । ଶ୍ରୀ ପୂଜାରୀ ଇ ସବୁ ଜିଲ୍ଲାମାନ୍‌କେ ବିପଦ୍ ଆଶଙ୍କା ଥିବାର୍ ଲୁକ୍‌କୁ ଜଲ୍‌ଦି ସ୍ଥାନାନ୍ତର୍ କର୍‌ବାର୍ ସହେତେ ରନ୍ଧା ଖାଦ୍ୟ ଦେବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ ।

ବିକାଶ୍ ମେଲା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସବୁ ଜିଲ୍ଲା ନ ଆଏବାକାଏଲ୍‌ନୁ ୨୨ ତାରିଖ୍‌ତକ୍ ବିକାଶ୍ ମେଲା ଆୟୋଜନ୍ କରାଯିବା । ଇଥି ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ କଲ୍ୟାଣ୍‌କାରୀ ଯୋଜ୍‌ନା ସାଙ୍ଗେ ଶହେ ଦିନର୍ ବିଭାଗୀୟ କାର୍ଯ୍ୟକଳାପ ଆର୍ ସଫଲତା ବିଷେ ପ୍ରଚାର୍ ପ୍ରସାର୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବାକାଏଲ୍ ପୁରୀନୁ ଇ ମେଲାର୍ ଉଦ୍‌ଘାଟନ୍ କର୍‌ବେ ।

ତମାଖୁମୁକ୍ତ ଶିକ୍ଷାନନୁଷ୍ଠାନ୍ ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟର୍ ସବୁ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍କେ ନିଶାମୁକ୍ତ କର୍ବାର୍ ଲାଗି ଛାତ୍ରଛାତ୍ରୀଙ୍କର୍ ଉତ୍ରୁ ଅଧ୍ୟାପକ, ଶିକ୍ଷକ୍ ଭିଲ୍ ନିଶା ନାଇଁ ବେଭାର୍ ନାଇଁ କର୍ବାର୍ ବଲି ଶିକ୍ଷାନୁଷ୍ଠାନ୍ମାନ୍କେ ଅଣ୍ଡର୍ଟେକିଂ ଦେବେ । ଶିକ୍ଷାନୁଷ୍ଠାନ୍ମାନ୍କେ ଲାଗୁ ହେଇଥିବା ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ୍ ନିର୍ଦ୍ଦେଶାବଲୀକେ କାର୍ଯ୍ୟକାରୀ କରାଯିବା । ଇ ବାବ୍ଦେ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ ୟୁଜିସି ତର୍ଫୁ ସବୁ ବିଶ୍ୱବିଦ୍ୟାଳୟ ଆଉ କଲେଜ୍ମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ସମ୍ବଲପୁର୍ ବିକାଶ୍ମେଳା ସମ୍ବଲ୍ପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲାସ୍ତରୀୟ ବିକାଶ୍ ମେଳାର୍ ଆୟୋଜନ୍ ଲାଗି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାପାଲ୍ଙ୍କର୍ ସମ୍ମିଳନୀ କକ୍ଷ ନ ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାର୍ ସବୁ ବିଭାଗ୍ର ସମନ୍ୱୟଥି ଆଏବା ୨୧ ନୁ ୨୩ ତାରିଖ୍ତକ୍ ସମ୍ବଲ୍ପୁର୍ର ମନ୍ଦଲିଆ ପଡ଼ିଆ

ନ ହେବାର୍‌କେ ଥିବାର୍ ବିକାଶ୍ ମେଳାର୍ ସଠିକ୍ ପରିଚାଳନା ବାବ୍‌ଦେ ଇଥି ଆଲୋଚନା କରାଯାଇଥିଲା ।

ରେଲ୍ ଡିଭିଜନ-ସମ୍ବଲପୁର ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲପୁର ରେଲ୍ ଡିଭିଜନ୍ ନ ଗଲାକାଏଲ୍ ସ୍ୱଚ୍ଛତା ହିଁ ସେବା ଅଭିଯାନ୍ ମୁଲ୍ ହେଇଛେ । ଇ ଅଭିଯାନ୍‌ଥି ଭିନ୍ ଭିନ୍ ଦିନ ଟ୍ରେନ୍ ଥି ସ୍ୱଚ୍ଛତା ଅଭିଯାନ୍, ସ୍ୱଚ୍ଛ କଲୋନୀ, ସ୍ୱଚ୍ଛ ଖାଦ୍ୟ ଅଭିଯାନ୍, ସ୍ୱଚ୍ଛ ଜଳ ଅଭିଯାନ୍, ଷ୍ଟେସନ୍ ଆର୍ କଲୋନୀ ନ ବ୍ୟାପକ ସ୍ୱଚ୍ଛତା ଅଭିଯାନ୍ ଆୟୋଜନ୍ କରାଯିବା । ଇ ଅବ୍‌ସରେ ସମ୍ବଲପୁର ଅତିରିକ୍ତ ଡିଭିଜନାଲ୍ ରେଲ୍ ପ୍ରବନ୍ଧକ୍ ଆନନ୍ଦ ସିଂ ରେଲ୍‌ବାଇ ଅଧିକାରୀ ଆଉ କର୍ମଚାରୀମାନ୍‌କୁ ସ୍ୱଚ୍ଛତାର୍ ଶପଥ୍ ପାଠ କରେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ମୌସୁମୀ ପ୍ରଭାବ୍‌ଥି ଆଏବା ୨ ଦିନ୍ ରାଜ୍ୟର୍ କେତେ ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ଆଏବା କାଏଲ୍ ଆର୍ ତାର୍ ଆରଦିନ ସୁନ୍ଦର୍‌ଗଡ୍, ବୌଦ୍ଧ ସହେତେ ରାଜ୍ୟର୍

୧୧ ଟା ଜିଲ୍ଲା ନ ଧୁକାଧନ୍ଦି ସହେତେ ବର୍ଷା ହେବା । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାୟାଇଛେ ।